# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଝାରସୁଗୁଡ଼ା

## (ଭୂ-ଅର୍ଜନ ବିଭାଗ)

ବିଜ୍ଞପ୍ତି ସଂଖ୍ୟା: ୭୦୪୭ /　　　　　　　　　　ତା: ୨୦.୦୫.୨୦୨୬

ଏତଦ୍ଦ୍ୱାରା ବେଲପାହାଡ଼ ଗ୍ରାମବାସୀଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଝାରସୁଗୁଡ଼ା ଜିଲ୍ଲାର ଲଖନପୁର ତହସିଲ ଅନ୍ତର୍ଗତ ବେଲପାହାଡ଼ ଗ୍ରାମରେ " ବେଲପାହାଡ଼ ଠାରେ ୦/୦୦୦ କି.ମି.ରୁ ୨/୯୭୧ କି.ମି. ପର୍ଯ୍ୟନ୍ତ ସର୍ଭିସ୍ ରୋଡ୍ ସହିତ ୪ ଲେନ୍ କ୍ୟାରେଜ ୱେ (**Carriage Way**) ବାଇପାସ ରୋଡ୍ ନିର୍ମାଣ ନିମନ୍ତେ " ଭୂମି ଅଧିଗ୍ରହଣ ପାଇଁ ଓଡିଶା ରାଜ୍ୟ ସାମାଜିକ ପ୍ରଭାବ ଆକଳନ ୟୁନିଟର (Odisha State SIA Unit, NCDS, Bhubaneswar), ସହଯୋଗରେ M/s COATS, Koraput ଦ୍ୱାରା ଏକ ପ୍ରାରୂପି ସାମାଜିକ ପ୍ରଭାବ ଆକଳନ ବିବରଣୀ (Draft SIA Report) ପ୍ରସ୍ତୁତ କରାଯାଇଅଛି । ଉକ୍ତ ବିବରଣୀ ସମ୍ବନ୍ଧରେ ପ୍ରକଳ୍ପ ପ୍ରଭାବିତ ଗ୍ରାମବାସୀ ମାନଙ୍କ ସୁଚିନ୍ତିତ ମତାମତ ନେବା ପାଇଁ ଆସନ୍ତା ତା: ୦୫.୦୬.୨୦୨୬ ରିଖ, ଦିବା ୦୯:୦୦ ଘଟିକା ସମୟରେ ବେଲପାହାଡ଼ ଗ୍ରାମର "ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, (ରାସ୍ତା ଓ ଗୃହ), ଉପବିଭାଜନ, ବେଲପାହାଡ଼" ରେ ଉପ-ଜିଲ୍ଲାପାଳ ,ଝାରସୁଗୁଡାଙ୍କ ସଭାପତିତ୍ୱ ରେ ଜନଶୁଣାଣି ସଭା ଆୟୋଜିତ ହେବାର ସ୍ଥିରିକୃତ ହୋଇଅଛି । ପ୍ରକଳ୍ପ ପ୍ରଭାବିତ ଗ୍ରାମବାସୀମାନେ ଉକ୍ତ ଜନଶୁଣାଣୀ ସଭାରେ ଉପସ୍ଥିତ ରହି ସାମାଜିକ ପ୍ରଭାବ ଉପରେ ନିଜ ନିଜର ମତାମତ ଉପସ୍ଥାପନା କରିପାରିବେ । ସାମାଜିକ ଆକଳନ ବିବରଣୀ (SIA Report) ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଝାରସୁଗୁଡା, ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଝାରସୁଗୁଡା, ତହସିଲ କାର୍ଯ୍ୟାଳୟ, ଲଖନପୁର ଏବଂ ବେଲପାହାଡ଼ ପୌର ପରିଷଦ କାର୍ଯ୍ୟାଳୟରେ ଜନସାଧାରଣଙ୍କ ଅବଗତି ନିମନ୍ତେ ଉପଲବ୍ଧ ଅଛି ।

Signature valid
Signed by: Lalit Sereng,
PD (R&R),
Collectorate Office
Jharsuguda
Date: 20-May-2026, 10:

ଅତିରିକ୍ତ ଜିଲ୍ଲାପାଳ, (ରାଜସ୍ୱ)

ଝାରସୁଗୁଡ଼ା

ଜ୍ଞାପକ ସଂଖ୍ୟା: ୩୦୫୮ /ତା: ୨୦.୦୫.୨୦୨୬

ଏହାର ଏକକିତା ନକଲ ଉପ-ଜିଲ୍ଲାପାଳ, ଝାରସୁଗୁଡ଼ା, ପ୍ରକଳ୍ପ ନିର୍ଦ୍ଦେଶକ (ପୁନଃର୍ବାସ ଓ ଥଇଥାନ), ଝାରସୁଗୁଡ଼ା, ତହସିଲଦାର, ଲଖନପୁର, ଅଧକ୍ଷ୍ୟ, ବେଲପାହାଡ଼ ପୌର ପରିଷଦ, ପରିଷଦ ସଦସ୍ୟ, ବେଲପାହାଡ଼ ଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ଏବଂ ଜନଶୁଣାଣୀ ସଭାରେ ଯୋଗଦେବା ପାଇଁ ଅନୁରୋଧ କରାଗଲା । ପରିଷଦ ସଦସ୍ୟ, ବେଲପାହାଡ଼ଙ୍କୁ ସଂପୃକ୍ତ ଗ୍ରାମରେ ଜନସାଧାରଣଙ୍କ ଅବଗତି ଓ ବହୁଳ ପ୍ରସାରଣ ନିମନ୍ତେ ସୁବ୍ୟବସ୍ଥା କରିବା ପାଇଁ ମଧ୍ୟ ଅନୁରୋଧ କରାଗଲା ।

Signature valid

Signed by: Lalit Soreng,
PD (R&R),
Collectorate Office
Jharsuguda
Date:20-May-2026 10:27:18

ଅତିରିକ୍ତ ଜିଲ୍ଲାପାଳ, (ରାଜସ୍ୱ)

ଝାରସୁଗୁଡ଼ା

ଜ୍ଞାପକ ସଂଖ୍ୟା: ୩୦୫୯ /ତା: ୨୦.୦୫.୨୦୨୬

ଏହାର ଏକକିତା ନକଲ ସଂଯୋଜକ ସମନ୍ୱୟକାରୀ ସଂସ୍ଥା, ନବକୃଷ୍ଣ ଚୌଧୁରୀ ସେଣ୍ଟର୍ ଫର୍ ଡେଭଲପମେଣ୍ଟ ଷ୍ଟଡିଜ୍, ଭୁବନେଶ୍ୱର ଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

Signature valid

Signed by: Lalit Soreng,
PD (R&R),
Collectorate Office
Jharsuguda
Date:20-May-2026 10:27:18

ଅତିରିକ୍ତ ଜିଲ୍ଲାପାଳ, (ରାଜସ୍ୱ)

ଝାରସୁଗୁଡ଼ା

ଜ୍ଞାପକ ସଂଖ୍ୟା: ୩୪୬୦ /ତା: ୨୦.୦୫.୨୦୨୬

ଏହାର ଏକକିତା ନକଲ Superintending Engineer, R&B Division, Jharsuguda ଙ୍କ ଅବଗତି ଓ ବିହିତ କାର୍ଯ୍ୟନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ SDPO, ବ୍ରଜରାଜନଗର ଓ ଥାନା ଭାରପ୍ରାପ୍ତ ଅଧିକାରୀ, ବେଲପାହାଡ଼ ଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ଏବଂ ଜନଶୁଣାଣୀ ସଭାରେ ଉପସ୍ଥିତ ରହି ସଭାରେ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ଅନୁରୋଧ କରାଗଲା ।

Signature valid
Signed by: Lalit Soreng,
PD (R&R),
Collectorate Office
Jharsuguda
Date:20-May-2026 10:27:18

ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ)

ଝାରସୁଗୁଡ଼ା

ଜ୍ଞାପକ ସଂଖ୍ୟା: ୩୪୬୯ /ତା: ୨୦.୦୫.୨୦୨୬

ଏହାର ଏକକିତା ନକଲ ସହିତ ପ୍ରାରୂପି ସାମାଜିକ ପ୍ରଭାବ ଆକଳନ ବିବରଣୀ (Draft SIA Report) DeGM, NIC, Jharsuguda ଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା । DeGM, NIC, Jharsuguda ଙ୍କୁ ଝାରସୁଗୁଡା ଜିଲ୍ଲାର ୱେବସାଇଟରେ ଜନସାଧାରଣଙ୍କ ଅବଗତି ଓ ବହୁଳ ପ୍ରସାରଣ ନିମନ୍ତେ Upload କରିବା ପାଇଁ ମଧ୍ୟ ଅନୁରୋଧ କରାଗଲା ।

Signature valid
Signed by: Lalit Soreng,
PD (R&R),
Collectorate Office
Jharsuguda
Date:20-May-2026 10:2

ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ)

ଝାରସୁଗୁଡ଼ା

ଜ୍ଞାପକ ସଂଖ୍ୟା: ୭୮୬୨ /ତା: ୨୦.୦୫.୨୦୨୬

ଏହାର ଏକକିତା ନକଲ ସହିତ ପ୍ରାରୂପି ସାମାଜିକ ପ୍ରଭାବ ଆକଳନ ବିବରଣୀ (Draft SIA Report) ଅତିରିକ୍ତ ଶାସନ ସଚିବ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ,ଓଡ଼ିଶା, ଭୁବନେଶ୍ୱର ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ଓ ରାଜ୍ୟର ବିଭାଗୀୟ ୱେବସାଇଟରେ ଜନସାଧାରଣଙ୍କ ଅବଗତି ଓ ବହୁଳ ପ୍ରସାରଣ ନିମନ୍ତେ Upload କରିବା ପାଇଁ ମଧ୍ୟ ଅନୁରୋଧ କରାଗଲା

Signature valid
Signed by: Lalit Soreng,
PD (R&R),
Collectorate Office
Jharsuguda
Date:20-May-2026 10:27:18

ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ)
ଝାରସୁଗୁଡ଼ା

COLJHR-LAO-CASE-0011-2026/1/2026